ସମାଜ – ୮, ୧୮ ମାର୍ଚ୍ଚ ୨୦୦୪

# ସାମାଜିକ ପୁଞ୍ଜି ପୁନରୁଦ୍ଧାର କର୍ମଶାଳା

ଧର୍ମଶାଳା, ତା୧୭।୩ (ନି.ପ୍ର.)-- ଯାଜପୁର ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ 'ପଲ୍ଲୀଶ୍ରୀ' ଉଦ୍ୟମରେ ଓ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ସହାୟତାରେ ଧର୍ମଶାଳା ବ୍ଲକ ସମ୍ମିଳନୀ କକ୍ଷରେ ସାମାଜିକ ପୁଞ୍ଜି ପୁନରୁଦ୍ଧାର ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାକୁ ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ବିଜୟ କୁମାର ରାୟ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମର ଯାଜପୁର ପ୍ରତିନିଧି ସୀମାଚଳ ପଟ୍ଟନାୟକ, ପଲ୍ଲୀଶ୍ରୀ ସମ୍ପାଦକ ପ୍ରଶାନ୍ତ ସାହୁ, ସଭାପତି ବାମଦେବ ପାଢ଼ୀ, ଲୋକ ବିକାଶ ସଙ୍ଗଠନ ସମ୍ପାଦକ ସେକ୍ ଅବଦୁଲ ସଫିକ ସାମାଜିକ ପୁଞ୍ଜି ପୁନରୁଦ୍ଧାରର ବିଭିନ୍ନ ଦିଗ ତଥା ବିକଳ୍ପ ଉପରେ ଆଲୋଚନା କରିଥିଲେ । ଧର୍ମଶାଳା ବ୍ଲକର ୫ଟି ପଞ୍ଚାୟତରୁ ୫୦ ଜଣ ଲୋକପ୍ରତିନିଧି, ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା, ବୁଦ୍ଧିଜୀବୀ ତଥା ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ । ଏହି କର୍ମଶାଳାକୁ ସରୋଜକୁମାର ଦାଶ ପରିଚାଳନା କରିଥିଲେ । ରଶ୍ମିରେଖା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।